## ଫନୀ ମହାନ୍ତି

ଜନ୍ମ: (୧୯୪୪ - .....) ମସିହା

ଡକ୍ଟର ଫନୀ ମହାନ୍ତି ତାଙ୍କର ସାହିତ୍ୟ କୃତି ନିମିତ୍ତ ଉତ୍କଳ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର, ଭାନୁଜୀ ରାଓ କବିତା ସମ୍ମାନ, ସାହିତ୍ୟ ଏକାଡ଼େମୀ ପୁରସ୍କାର (ନୂଆଦିଲ୍ଲୀ) ଏବଂ ବିଦ୍ୟାରତ୍ନ ସମ୍ମାନ ଆଦି ବହୁ ସମ୍ମାନର ଅଧିକାରୀ । ତାଙ୍କର ପୁସ୍ତକ -

**ଦିନେ ଦିନେ,** ପୃଷ୍ଠା-୧୧୨, ପ୍ରକାଶକାଳ-୨୦୦୮, ମୂଲ୍ୟ- ଟ.୮୦/-

ଦୀର୍ଘ କବିତା "ଦିନେ ଦିନେ' କବିଙ୍କର ଚତୁର୍ଦ୍ଦଶ କବିତା ସଂକଳନ । ଏହି ଅନନ୍ୟ ଦୀର୍ଘ କବିତାରେ କାବ୍ୟ ନାୟକର ପ୍ରତ୍ୟକ୍ଷ ଜୀବନାନୁଭୂତିର ଏକ ମାର୍ମିକ ଚିତ୍ର ନିଖୁଣ ଭାବରେ ପ୍ରତିଫଳିତ ହୋଇଛି । ହାରିବା ଜିତିବା ଓ ଜୟ ପରାଜୟରେ ନିସ୍ପୃହ ଉଦାସୀନ କାବ୍ୟ ନାୟକ ପ୍ରେମ ବିରହ, ବିଷାଦ, ନିଃସଂଗତା ଓ ଅପରିକଳ୍ପନୀୟ ବିଫଳତାର ଯେଉଁ ଚିତ୍ରକୁ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁଯାୟୀ ସୀମିତ ଶବ୍ଦପଂଜ ଭିତରେ ରୂପ ଦେବାକୁ ପ୍ରୟାସ କରିଛନ୍ତି ତହିଁର ଦୃଷ୍ଟାନ୍ତ ଖୁବ୍ ବିରଳ । ସରଳ ସାବଲୀଳ ଭାଷା, ଆତ୍ମିକ ଓ ଆଂଗିକରେ ସଂପୂର୍ଣ୍ଣ ଅଭିନବତା, ଚିତ୍ରକଳ୍ପ ପ୍ରୟୋଗରେ ସତର୍କତା ଓ ଅନୁଭୂତିର ସାଂଧ୍ରତା ତଥା ଭାବକଳ୍ପର କଳାତ୍ମକ ପରିପ୍ରକାଶ "ଦିନେ ଦିନେ' କବିତା ସଂକଳନର ବିଶେଷତ୍ୱ । ସ୍ଥାନୀୟତାର ଭୁରୁଭୁରୁ ଗଂଧ ଓ ଜଟିଳ ଜୀବନାନୁଭୂତିର ନିର୍ଭୁଲ ଓ ନିଛକ ଚିତ୍ର ଆଂକିବାରେ କବି ଯେ ସଫଳ ହୋଇଛନ୍ତି, ତାହାହିଁ ପ୍ରଣିଧାନ ଯୋଗ୍ୟ ।